# Akashvani, Sambalpur

## SAMBALPURI NEWS EVENING BULLETIN

**27 September 2024- 7.02 pm- 7.12 pm.**

**************************************************

ଜିଲ୍ଲାପାଲ୍ ସମ୍ମିଳନୀ        ଆର୍ଏନ୍ୟୁ/ ସମ୍ବଲପୁର

ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ନ ଆଏଜ୍ଠାନୁ ଦୁଇଦିନିଆ ଜିଲ୍ଲାପାଲ୍ ସମ୍ମିଳନୀ ମୁଲ୍ ହେଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ ସମ୍ମିଳନୀକେ ଉଦ୍ଘାଟନ୍ କରିକରି କହିଛନ୍ ଯେ, ସର୍କାର୍ଙ୍କର୍ ସବୁ ଯୋଜ୍ନା ଠିକ୍ ସମିଆଥି ଆରମ୍ଭ୍ ହେବା ଆର୍ ଠିକ୍ ସମିଆଥି ଶେଷ୍ ହେବାର୍ଟା ହେଉଛେ ଖୋବ୍ ଗୁରୁତ୍ୱପୂର୍ଣ୍ଣ । ହେଲେ ବହୁତ୍ ସମିଆଥି ଯୋଜ୍ନା ଲୁକ୍କର୍ ପାଖେ ପହୁଁଚିବାର୍ଥି ଡେରି ହେଉଛେ । ସେଥିର୍ଲାଗି ସାଧାରଣ୍ ଲୁକେ ଅସୁବିଧାଥି ପଡ଼୍ବାର୍ ସହେତେ ଅନିୟମିତତା ଆର୍ ଦୁର୍ନୀତି ଭିଲ୍ ବଢୁଛେ ।  ସବୁ ଯୋଜ୍ନା ଯେନ୍ତା ଠିକ୍ ସମିଆଥି କାର୍ଯ୍ୟକାରୀ ହେବା ସେତାର୍ ଉପ୍ରେ ଜିଲ୍ଲାପାଲ୍ମାନେ ନଜର୍ ରଖିବାର୍କେ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ । ମୁଖ୍ୟମନ୍ତ୍ରୀ ଆହୁରି ଭିଲ୍ କହିଛନ୍ ଯେ, ଜିଲ୍ଲାପାଲ୍ମାନେ ହେଉଛନ୍ ସର୍କାର୍ଙ୍କର୍ ଲାଗି ତୃଣମୂଳ ସ୍ତର୍ର ସେତୁ । ଲୁକ୍କର୍ କଲ୍ୟାଣ୍

ଲାଗି ସର୍‌କାର୍ ଭଲ୍ ଯୋଜ୍‌ନା ଆର୍ ନୀତି ନିର୍ଦ୍ଧାରଣ୍ କରିପାର୍‌ବେ । ହେଲେ ଇ ସବୁ ଯୋଜ୍‌ନାକେ ଶେଷ୍ ହିତାଧିକାରୀତକ୍ ପୁହୁଁଚାବାର୍‌ଥି ଜିଲ୍ଲାପାଲ୍‌ମାନ୍‌କର୍ ବଡ଼୍ ଭୂମିକା ରହିଛେ । ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ ଯେ, ତାଙ୍କର୍ ସର୍‌କାର୍ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ଗାଁ ଆର୍ ସହର୍ ଇଲାକାର୍ ଭିତିଭୂମିର୍ ବିକାଶ୍ ଆର୍ ମହିଲାମାନ୍‌କର୍ ଉନ୍ନତିକେ ପ୍ରାଧାନ୍ୟ ଦେଉଛନ୍ ।

ହେନ୍ତା ରାଜ୍ୟର୍ ଆର୍ଥିକ୍ ବିକାଶ୍‌ର ଗତିକେ ତୁର୍‌ତି କର୍‌ବାର୍ ଲାଗି ତାଙ୍କର୍ ସର୍‌କାର୍ ପଦକ୍ଷେପ୍ ନେଉଛନ୍ । ଜିଲ୍ଲାପାଲ୍‌ମାନ୍‌କର୍ କଠିନ୍ ପରିଶ୍ରମ୍ ଆର୍ ନିଷ୍ଠା ଦ୍ୱାରା ହିଁ ସବୁ ପଦକ୍ଷେପ୍‌ର ସୁଫଲ୍ ଲୁକ୍‌କର୍ ପାଖେ ପୁହୁଁଚିବା ଆର୍ ଓଡ଼ିଶା ୧ ନମ୍ବର୍ ରାଜ୍ୟ ହେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଜିଲ୍ଲାପାଲ୍ ସମ୍ମିଲନୀ- ଉପମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଚାଲିଥିବା ଜିଲ୍ଲାପାଲ୍ ସମ୍ମିଲନୀଥି ସୁଭଦ୍ରା ଯୋଜ୍‌ନାର୍ କାର୍ଯ୍ୟକାରିତା ବାବ୍‌ଦେ ଆଏଜ୍ ଆଲୋଚନା ହେଇଛେ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମହିଲା, ଶିଶୁବିକାଶ୍ ବିଭାଗ୍‌ର ସବୁ ଅଧିକାରୀ ଆର୍

ଜିଲ୍ଲାପାଳ୍‌ମାନ୍‌କୁ ଯୋଜ୍‌ନାର୍ ସଫଲ୍ କାର୍ଯ୍ୟକାରିତା ଲାଗି ଧନ୍ୟବାଦ୍ ଜନେଇଥିଲେ । ଇତାର୍‌ସଙ୍ଗେ ଜନଜାତି ବହୁଳ ଇଲାକାମାନ୍‌କେ ସୁଭଦ୍ରା କାର୍ଯ୍ୟକ୍ରମ୍‌କେ ପହଁଚାବାର୍ ଲାଗି ବହୁତ୍‌ଟେ ଜନସଚେତନତାକେ ଜୋର୍ ଦେବାର୍‌କେ ଜିଲ୍ଲାପାଳ୍‌ମାନ୍‌କୁ ଶ୍ରୀମତୀ ପରିଡ଼ା ପରାମର୍ଶ ଦେଇଛନ୍ । ଖୋବ୍ ଜଲ୍‌ଦି ସୁଭଦ୍ରା ଯୋଜ୍‌ନାଥି ଓଡ଼ିଶାର୍ ୧ କୋଟି ମହିଳାଙ୍କର୍ ପଞ୍ଜିକରଣ୍ ହେଇଯିବା ବଲି ସେ ଆଶ୍ କରିଛନ୍ । ଇତାର୍‌ସଙ୍ଗେ ପ୍ରଯୁକ୍ତିବିଦ୍ୟାର୍ ସଫଲ୍ ଉପଯୋଗ୍‌ଥି ଜିଲ୍ଲାସ୍ତର୍ ନ ସବୁନୁ ଅଏତ୍‌କା ସୁଭଦ୍ରା ଫର୍ମ ପଞ୍ଜିକୃତ କରିଥିବା ମୋ ସେବା କେନ୍ଦ୍ର ଆଉ ଜନସେବା କେନ୍ଦ୍ରକେ ପୁରସ୍କୃତ କର୍‌ବାର୍ ଲାଗି ଜିଲ୍ଲାପାଳ୍‌ମାନ୍‌କୁ ଉପମୁଖ୍ୟମନ୍ତ୍ରୀ ପ୍ରସ୍ତାବ୍ ଦେଇଥିଲେ । ଇ ସମିଆଥି ମହିଳା ଆଉ ଶିଶୁ ବିକାଶ୍ ବିଭାଗ୍‌ର ପ୍ରମୁଖ ଶାସନ୍ ସଚିବ ଶୁଭା ଶର୍ମା ସୁଭଦ୍ରା ଯୋଜ୍‌ନା ବାବ୍‌ଦେ ତଥ୍ୟ ଉପସ୍ଥାପନ୍ କରିକରି କହିଛନ୍ ଯେ, ଏବ୍‌ତକ୍ ୧ କୋଟି ୮୯ ଲାଖ୍ ୩୪ ହଜାର୍ ଶହେ ୭୬ ସୁଭଦ୍ରା ଆବେଦନ୍ ଫର୍ମ ଛପାଯାଇଛେ । ଇତାର୍‌ଭିତ୍‌ରୁ ୧ କୋଟି ୫୭ ଲାଖ୍ ୧ ହଜାର୍ ୫୫ ଟା ଫର୍ମ ବଁଟାଯାଇଛେ ।

ସେନ୍ତା ଆଏଜ୍‌ତକ୍ ୯୫ ଲାଖ୍ ନୁ ଅଏତ୍‌କା ଆବେଦନ୍ ପଞ୍ଜିକୃତ ହେଇସାରିଛେ । ମୋଟ୍ ୨୫ ଲାଖ୍ ୨୯ ହଜାର୍ ୭ ଶହ ୨୦ ଝନ୍ ସୁଭଦ୍ରା ହିତାଧିକାରୀଙ୍କୁ ଟଙ୍କା ଦିଆଯାଇଛେ ବଲି ସେ କହିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ସବୁ

ଯୋଗ୍ୟ ହିତାଧିକାରୀଙ୍କୁ ସୁଭଦ୍ରାର୍ ପହେଲା କିସ୍ତି ଖୋବ୍ ଜଲ୍‌ଦି ମିଲ୍‌ବା । ଆଏବା ବଛର୍ ମାର୍ଚ୍ଚ ୮ ତାରିଖ୍ ଆଘୋନୁ ସବୁ ଯୋଗ୍ୟ ହିତାଧିକାରୀଙ୍କୁ ପହେଲା କିସ୍ତି ଦେବାର୍‌କେ ଲକ୍ଷ୍ୟ ରଖାଯାଇଛେ ।

ଉପମୁଖ୍ୟମନ୍ତ୍ରୀ-ଚାଷୀ ଧାନ୍ ବିକ୍ରି          ଆର୍‌ଏନ୍‌ୟୁ/ସମ୍ବଲପୁର

ଯେନ୍ ଜିଲ୍ଲାର୍ ମଣ୍ଡିମାନ୍‌କେ କେନ୍‌ସି କାରଣ୍ ଲାଗି ଧାନ୍ ସଂଗ୍ରହ ନାଇଁ ହେଇପାର୍‌ବାର୍ ସେକ୍ଷେତ୍ରଥି ପାଖର୍ ଜିଲ୍ଲାର୍ ମଣ୍ଡିକେ ଯାଇକରି ଚାଷୀମାନେ ନିଜର୍ ଧାନ୍ ବିକିପାର୍‌ବେ ବଲି ଉପମୁଖ୍ୟମନ୍ତ୍ରୀ ଆଉ କୃଷି ମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କହିଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଜିଲ୍ଲାପାଲ୍ ସମ୍ମିଲନୀଥି ଯୋଗ୍ ଦେଇକରି ଉପମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଧାନ୍ ନେଇକରି ଯାଉଥିବା ଗାଡି ଯେନ୍ତା କିଛି ଟେମ୍ପରିଂ କରିନାଇଁ ପାର୍‌ବେ ହେଥିର୍‌ଲାଗି ଗାଡ଼ିମାନ୍‌କେ ଜିପିଏସ୍ ଟ୍ରାକିଂ କରାଯିବା । ମିଲର୍‌ମାନ୍‌କର୍ ତର୍‌ଫୁ ଚାଷୀମାନ୍‌କୁ ଝୋଟବସ୍ତା ଆର୍ ସୁତ୍‌ଲି ଯୁଗେଇ ଦିଆଯିବା । ଗଚ୍ଛିତ୍ ଫସଲ୍‌ର ସୁରକ୍ଷା ଲାଗି ରାଏଜେ ୫୮ ଟା ଶୀତଲ୍ ଭଣ୍ଡାର୍ ବହୁତ୍ ଜଲ୍‌ଦି ଖୁଲାଯିବା ବଲି ଶ୍ରୀ ସିଂହଦେଓ କହିଛନ୍ ।

ଅରୁଣ୍ କୁମାର୍ ଷଡ଼ଙ୍ଗୀ-ଓପିଏସ୍‌ସି ଅଧ୍ୟକ୍ଷ      ଆର୍‌ଏନ୍‌ୟୁ/

ରାଜ୍ୟ ସର୍‌କାର୍ ବରିଷ୍ଠ ଆଇପିଏସ୍ ଅଧିକାରୀ ଅରୁଣ୍ କୁମାର୍ ଷଡ଼ଙ୍ଗୀଙ୍କୁ ଓଡ଼ିଶା ଲୋକ୍‌ସେବା ଆୟୋଗ୍ - ଓପିଏସ୍‌ସି ର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଛନ୍ । ଇ ବାବ୍‌ଦେ ସାଧାରଣ ପ୍ରଶାସନ୍ ଆର୍ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ଆଏଜ୍ ଗୁଟେ ବିଜ୍ଞପ୍ତି ବାହାରିଛେ । ଶ୍ରୀ ଷଡ଼ଙ୍ଗୀ ଙ୍କର୍ କାର୍ଯ୍ୟକାଳ ୬ ବଛର୍ କି ତାଙ୍କୁ ୬୨ ବଛର୍ ପୁର୍‌ବାର୍‌ତକ୍ ରହେବା ବଲି ବିଜ୍ଞପ୍ତିଥି କୁହାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଶ୍ରୀ ଷଡ଼ଙ୍ଗୀ ଆଘୋନୁ ୬ ମାସ୍‌ତକ୍ ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ୍ ଦାୟିତ୍ୱଥି ଥିଲେ । ଇତାର୍‌ସଙ୍ଗେ ବିଜୁ ପଟ୍ଟନାୟକ୍ ରାଜ୍ୟ ପୁଲିସ୍ ଏକାଡେମୀର ନିର୍ଦ୍ଦେଶକ ଭାବେ ଭିଲ୍ ସେ କାମ୍ କରିଛନ୍ ।

ବିଶ୍ୱ ପର୍ଯ୍ୟଟନ୍ ଦିବସ୍

ଆର୍‌ଏନ୍‌ୟୁ ସମ୍ବଲପୁର୍/ ସୁବର୍ଣ୍ଣପୁର୍/ ବୌଦ୍ଧ/ ବର୍‌ଗଡ଼୍

ଆଏଜ୍ ବିଶ୍ୱ ପର୍ଯ୍ୟଟନ୍ ଦିବସ୍ ଭିନ୍ ଭିନ୍ ଜାଗା ନ ପାଲନ୍ କରାଯାଉଛେ । ପୁର୍‌ଥିର୍ ସୌନ୍ଦର୍ଯ୍ୟକେ ଲୁକ୍‌କୁ ଲୁଭାବାର୍ ଲାଗି

୧୯୮୦ ମସିହା ନୁ ଆଝିର୍ ଦିନ୍‌କେ ଜାତିସଂଘ ପର୍ଯ୍ୟଟନ୍ ସଂଗଠନ୍  ତର୍‌ଫୁ ବିଶ୍ୱ ପର୍ଯ୍ୟଟନ୍ ଦିବସ୍ ପାଲନ୍ ହେଉଛେ । ଇଥରର୍ ବିଶ୍ୱ ପରିବେଶ୍ ଦିବସ୍‌ର ବାର୍ତା ରହିଛେ 'ପର୍ଯ୍ୟଟନ୍ ଆର୍ ଶାନ୍ତି' । ବିଶ୍ୱ ପର୍ଯ୍ୟଟନ୍ ଦିବସ୍ ଅବ୍‌ସରେ କେନ୍ଦ୍ର ଆର୍ ରାଜ୍ୟ ସର୍‌କାର୍‌ଙ୍କର୍ ପର୍ଯ୍ୟଟନ୍ ବିଭାଗ୍ ତର୍‌ଫୁ ପର୍ଯ୍ୟଟନ୍‌କେ ତହଁକାବାର୍ ଲାଗି ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଉଛେ । କେନ୍‌ସି ଦେଶର୍ ଅର୍ଥନୀତିକେ ଆଗ୍‌କେ ବଢ଼ାବାର୍ ଆର୍ ଭାବମୂର୍ତି ନିର୍ମାଣ୍ ସହେତେ ପରିଚୟ ବନାବାର୍‌ଥି ପର୍ଯ୍ୟଟନ୍‌ର ଜବର୍ ଗୁରୁତ୍ୱ ରହିଛେ । ସେନ୍ତା ସାଂସ୍କୃତିକ ଆଦାନ୍ ପ୍ରଦାନ୍‌କେ ତହଁକାବାର୍ ଆର୍ ଲୁକ୍‌କର୍ ଭିତ୍‌ରେ ସମ୍ପର୍କ ଗଢ଼୍‌ବାର୍‌ଥି ପର୍ଯ୍ୟଟନ୍ କାମ୍ କରିଥିସି ।

ଇ ଦିବସ୍ ଅବ୍‌ସରେ ରାଜ୍ୟ ପର୍ଯ୍ୟଟନ୍ ବିଭାଗ୍ ତର୍‌ଫୁ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ମାନ୍ କରାଯାଉଛେ । ଆଏଜ୍ ସଖାଲେ ଭୁବ୍‌ନେଶ୍ୱର୍ ଧଉଳି ନୁ କୋଣାର୍କତକ୍ ଗୁଟେ ଐତିହ୍ୟ ସୁପର୍ ବାଇକ୍ ରେଲିର ଶୁଭାରମ୍ଭ କରାଯାଇଥିଲା । ସଞ୍ଜ୍‌ବେଲେ ଭୁବ୍‌ନେଶ୍ୱର୍ ରବୀନ୍ଦ୍ର ମଣ୍ଡପ୍ ନ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ମାନ୍ ଚାଲିଛେ ।

ସୋନ୍‌ପୁର୍ ଠାନେ ସ୍କୁଲ୍ ଆର୍ ମହାବିଦ୍ୟାଳୟର୍ ଛାତ୍ରଛାତ୍ରୀମାନ୍‌କୁ ନେଇକରି ଗୁଟେ କ୍ୱିଜ୍ ପ୍ରତିଯୋଗିତା ହେଇଥିଲା । ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଲ୍ ଅଞ୍ଜଳିନା

ପ୍ରଧାନ୍ ଯୋଗ୍ ଦେଇକରି ଜିଲ୍ଲାର୍ ପ୍ରମୁଖ ପର୍ଯ୍ୟଟନ୍ ଜାଗା ମାନ୍‌କେ ସ୍ୱଚ୍ଛତା ସଙ୍ଗେ ସବୁଜ ପରିବେଶ୍ ସୃଷ୍ଟି ଉପ୍‌ରେ ଧ୍ୟାନ୍ ଦେବାର୍‌କେ ଛାତ୍ରଛାତ୍ରୀମାନ୍‌କୁ ପରାମର୍ଶ ଦେଇଥିଲେ ।

ବୌଦ୍ଧ ଠାନେ ଇନ୍‌ଟାକ୍ ତର୍‌ଫୁ ପର୍ଯ୍ୟଟନ୍ ଦିବସ୍ ପାଳନ୍ ଅବ୍‌ସରେ ଗୁଟେ ଆଲୋଚନାଚକ୍ର ହେଇଯାଇଛେ । ଆଲୋଚନାଚକ୍ରଥି ଅଧ୍ୟାପକ ଲଳିତ୍ କୁମାର୍ ମେହେର୍ ଯୋଗ୍ ଦେଇକରି ଜିଲ୍ଲାର୍ ପର୍ଯ୍ୟଟନ୍ ବୈଭବ ବାବ୍‌ଦେ ଆଲୋଚନା କରିଥିଲେ । ଇତାର୍‌ସହେତେ ଜିଲ୍ଲାର୍ ସବୁ ପର୍ଯ୍ୟଟନ୍ ଜାଗାମାନ୍‌କର୍ ପ୍ରଚାର୍ ପ୍ରସାର୍ ସହେତେ ସ୍ୱଚ୍ଛତା ଆଉ ସବୁଜ ପରିବେଶ୍ ସୃଷ୍ଟି କର୍‌ବାର୍ ଲାଗି ମତ ପ୍ରକାଶ୍ କରିଥିଲେ ।

ସେନ୍ତା ବର୍‌ଗଡ୍ ଠାନେ ଜିଲ୍ଲା ପର୍ଯ୍ୟଟନ୍ ବିଭାଗ୍ ତର୍‌ଫୁ ସଂସ୍କୃତି ଭବନ୍ ଠାନେ ସାଧାରଣ ସଭା ଆର୍ କ୍ୱିଜ୍ ପ୍ରତିଯୋଗିତା ହେଇଯାଇଛେ । ପର୍ଯ୍ୟଟନ୍ ଅଧିକାରୀ ପ୍ରମୋଦ୍ କୁମାର୍ ସିଂଙ୍କର୍ ନେତୃତ୍ୱଥି ହେଇଥିବା ଇ କାର୍ଯ୍ୟକ୍ରମ୍‌ଥି ବହୁ ସିଆନ୍‌ସୁଜନ୍ ଯୋଗ୍‌ଦେଇକରି ପର୍ଯ୍ୟଟନ୍ ଦିବସ୍ ପାଳନ୍‌ର ତାତ୍ପର୍ଯ୍ୟ ଉପ୍‌ରେ ବୁଝାବାର୍ ସହେତେ ସୋସିଆଲ୍ ମିଡ଼ିଆଥି ପର୍ଯ୍ୟଟନ୍ ଜାଗାମାନ୍‌କର୍ ବାବ୍‌ଦେ ଜନାବାର୍ ଲାଗି ପରାମର୍ଶ ଦେଇଥିଲେ ।

ମନ୍ କି ବାତ୍ ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୯ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୧୪ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଏଆଇଆର୍ ନ୍ୟୁଜ୍, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍ ଥି ଭିଲ୍ ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଳିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ପି.ଏମ୍. କିଷାନ ଆର୍‌ଏନ୍‌ୟୁ/କଟକ୍

ଚାଷୀମାନ୍‌କୁ ଆର୍ଥିକ୍ ସାହାଜ୍ ଦେବାର୍ ଲାଗି କେନ୍ଦ୍ର ସର୍‌କାର୍ ମୁଲ୍ କରିଥିବା ପି.ଏମ୍. କିଷାନ୍ ଯୋଜ୍‌ନାର୍ ୧୮ ନମ୍ବର୍ କିସ୍ତି ଆଏବା ମାସ ୫ ତାରିଖ୍ ଦିନ ଦିଆଯିବା । ଚାଷୀମାନ୍‌କୁ ୨ ହଜାର୍ ଟଙ୍କା ଲେଖା ୩ ଟା କିସ୍ତିଥି ବଛର୍‌କ ମୋଟ୍ ୬ ହଜାର୍ ଟଙ୍କା ଇ ଯୋଜ୍‌ନା ଜରିଏ

ଦିଆଯାଉଛେ । ଇନ ଜନେଇ ଦିଆଯାଇପାରେ ଯେ, କେନ୍ଦ୍ର ସର୍କାର୍ ପି.ଏମ୍. କିଷାନ୍ ନିଧି ଯୋଜ୍ନା ୨୦୧୮ ମସିହା ଡିସେମ୍ବର୍ ମାସେ ମୁଲ୍ କରିଥିଲେ ।

ସ୍ୱଚ୍ଛ ଭାରତ୍ ମିଶନ୍ କାର୍ଯ୍ୟକ୍ରମ ନୂଆପଡ଼ା ପୁରସ୍କୃତ ନୂଆପଡ଼ା

ନୂଆପଡ଼ା ଜିଲ୍ଲାକେ ସ୍ୱଚ୍ଛ ଭାରତ୍ ମିଶନ୍ କାର୍ଯ୍ୟକ୍ରମ୍ଥି ସାମଗ୍ରୀକ୍ ଭାବେ ଉତମ୍ ପ୍ରଦର୍ଶନ୍ କରିଥିବାର୍ନୁ ୨ ଟା ପୁରସ୍କାର୍ ମିଲିଛେ । ଇ ଅବ୍ସରେ ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ୍ର ବୀର ରାମ୍ଚନ୍ଦ୍ରପୁର୍ ଗ୍ରାମ୍ପଂଚାୟତ୍ ନ ହେଇଥିବା ଗୁଟେ ସମାରୋହଥି ନୂଆପଡ଼ା ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ଆର୍ ଜିଲ୍ଲା ମୁଖ୍ୟ ଉନ୍ନୟନ୍ ଅଧିକାରୀ ଲମ୍ବୋଧର୍ ଧରୁଆଙ୍କୁ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି. ଆର୍. ପାଟିଲ୍ ଇ ପୁରସ୍କାର୍ ଦେଇଛନ୍ ।

ଶିକ୍ଷକ, ଶିକ୍ଷୟିତ୍ରୀ ତାଲିମ୍ ଶିବିର ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ର ସର୍କାରୀ ବାଲିକା ଉଚ୍ଚପ୍ରାଥମିକ୍ ବିଦ୍ୟାଳୟ ନ ୩ ଦିନିଆ ଶିକ୍ଷକ, ଶିକ୍ଷୟିତ୍ରୀ ତାଲିମ୍ ଶିବିର ହେଇଯାଇଛେ । ଶିବିର୍ଥି ଗୋଷ୍ଠୀ ଶିକ୍ଷା ଅଧିକାରୀ

କାହ୍ନୁଚରଣ୍ ନାଏକ୍ ଆର୍ ଶିକ୍ଷା ଅଧିକାରୀ ଜୟଦେବ୍ ପଣ୍ଡା ଯୋଗ୍ ଦେଇକରି ଶିକ୍ଷାର୍ ମାନବୃଦ୍ଧି ସାଙ୍ଗେ ଛାତ୍ରଛାତ୍ରୀମାନ୍‌କର୍ ନ ଶିକ୍ଷା ଲାଗି ରଚି ବଢ଼ାବାର୍ ଲାଗି ପରାମର୍ଶ ଦେଇଥିଲେ ।

## ସରୋଗେସି ମାତୃତ୍ୱ- ସର୍‌କାରୀ କର୍ମଚାରୀ ଛୁଟି

ଆର୍‌ଏନ୍‌ୟୁ/ କଟକ୍

ସରୋଗେସି ବା ଉଦ୍ଧାର ମାତୃତ୍ୱ ଲାଭ କରୁଥିବା ସର୍‌କାରୀ କର୍ମଚାରୀମାନ୍‌କୁ ୬ ମାସ୍ ମାତୃତ୍ୱ ଛୁଟି ମିଲ୍‌ବା । ପୁରୁଷ କର୍ମଚାରୀମାନ୍‌କୁ ଭିଲ୍ ୧୫ ଦିନ୍ ପିତୃତ୍ୱ ଛୁଟି ମିଲ୍‌ବା ବଲି ଅର୍ଥ ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ଜାରି ହେଇଛେ । ଆଘୋନୁ ସାଧାରଣ ମାତୃତ୍ୱ କ୍ଷେତ୍ରଥି ମହିଲା କର୍ମଚାରୀମାନ୍‌କୁ ୬ ମାସ୍‌ତକ୍ ମାତୃତ୍ୱ ଛୁଟି ମିଲୁଥିଲା । କେନ୍ଦ୍ର ସର୍‌କାର୍ ଗଲା ଜୁନ୍ ମାସେ ସରୋଗେସି ମାତୃତ୍ୱ ଆଉ ପିତୃତ୍ୱକେ ଛୁଟି ଘୋଷ୍‌ନା କର୍‌ବାର୍ ଉତ୍‌ରୁ ରାଜ୍ୟ ସର୍‌କାର୍ ଇ ପଦକ୍ଷେପ୍ ନେଇଛନ୍ । ନିୟମ୍ ଅନ୍‌ସାରେ ଝନେ ମହିଲା କର୍ମଚାରୀଙ୍କର୍ ୨ ନୁ କମ୍ ଜୀବିତ ସନ୍ତାନ୍ ଥାଇକରି ସରୋଗେଟ୍ ମାତୃତ୍ୱ ଲାଭ କର୍‌ବାର୍ କ୍ଷେତ୍ରଥି ଶହେ ୮୦ ଦିନ୍‌ର ମାତୃତ୍ୱ ଛୁଟି ପାଏବାର୍ ଲାଗି ଯୋଗ୍ୟ ବିବେଚିତ ହେଇପାର୍‌ବେ ।

ହୀରାକୁଦ୍ ଜଲ୍ଭଣ୍ଡାର ସମ୍ବଲ୍ପୁର୍ ସମ୍ବାଦଦାତା

ହୀରାକୁଦ୍ ଜଲ୍ଭଣ୍ଡାର୍ର ଜଲ୍ସ୍ତର୍ ବଢ୍ବାର୍ନୁ ଆଏଜ୍ ୯ ଟା ଗେଟ୍ ଦେଇକରି ପାଏନ୍ ମହାନଦୀକେ ଛଡ଼ାଯାଉଛେ । ସଞ୍ଜର୍ ୬ ବଜେ ଫି ସେକେଣ୍ଡ୍ଥି ୧ ଲାଖ୍ ୮୯ ହଜାର୍ ୬ ଶହ ୧୨ ଘନଫୁଟ୍ ପାଏନ୍ ଜଲ୍ଭଣ୍ଡାର୍କେ ଆସୁଥିବାର୍ ବେଲେ ସେତ୍କି ପାଏନ୍ ଛଡ଼ାଯାଉଛେ । ଜଲ୍ଭଣ୍ଡାର୍ର ଜଲ୍ସ୍ତର୍ ୬ ଶହ ୩୦ ଫୁଟ୍ ରହିଥିବାର୍ ହୀରାକୁଦ୍ କଂଟ୍ରୋଲ୍ ରୁମ୍ନୁ ସୂଚ୍ନା ମିଲିଛେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ବଙ୍ଗୋପ୍ସାଗର୍ ନ ହେଇଥିବା ଲଘୁଚାପ୍ ପ୍ରଭାବ୍ଥି ରାଜ୍ୟର୍ ଭିନ୍ ଭିନ୍ ଜାଗାଥି ବର୍ଷା ଲାଗି ରହିଛେ । ଆଏବା କାଏଲ୍ ପଶ୍ଚିମ ଓଡ଼ିଶାର୍ ବର୍ଗଡ୍, ସମ୍ବଲ୍ପୁର୍, ଝାର୍ସୁଗୁଡ଼ା, ସୁନ୍ଦର୍ଗଡ୍ ସହେତେ କେନ୍ଦୁଝର୍ ଜିଲ୍ଲା ନ ୭ ନୁ ୧୧ ସେଂଟିମିଟର୍ତକ୍ ବର୍ଷା ହେଇପାରେ । ଇଥିର୍ଲାଗି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।